# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**09th April - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ନବବର୍ଷ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଜଣାଇଲେ ଶୁଭେଚ୍ଛା

– ବାସନ୍ତୀକ ନବରାତ୍ରୀ ଅବସରରେ ଦେଶବାସୀଙ୍କର ଶୁଭ କାମନା କଲେ ପ୍ରଧାନମନ୍ତ୍ରୀ

- ଲୋକସଭା ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୧ ହଜାର ୨୧୦ ପ୍ରାର୍ଥୀପତ୍ର କାଏମ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆସନ୍ତାକାଲି ହେବ ବନକଲାଗି ନୀତି

ଏବଂ

- ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହର ସମ୍ଭାବନା ଥିବାରୁ ଶନିବାରଠାରୁ ବୃଦ୍ଧି ପାଇବ ତାପମାତ୍ରା

# ନବବର୍ଷରେ ରାଷ୍ଟ୍ରପତିଙ୍କ ଅଭିନନ୍ଦନ

ଭାରତୀୟ ନବବର୍ଷ ଚୈତ୍ର ଶୁକ୍ଳାଦି, ଉଗାଡ଼ି, ଗୁଡ଼ି ପଡ଼ୱା, ଚେଟି ଚାନ୍ଦ୍, ନବରେ ଏବଂ ସାଜିବୁ ଚେରାଓ୍ୱବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଭାରତୀୟ ନବବର୍ଷ ଏବଂ ଋତୁରାଜ ବସନ୍ତକୁ ଏହି ସବୁ ଉତ୍ସବ ମାଧ୍ୟମରେ ସ୍ୱାଗତ କରାଯାଇଥାଏ। ଦେଶରେ ପାଳନ ହେଉଥିବା ଏହି ସବୁ ଭିନ୍ନ ଭିନ୍ନ ଉତ୍ସବ ଶାନ୍ତି, ମୈତ୍ରୀ ଓ ସହିଷ୍ଣୁତାର ବାର୍ତ୍ତା ଦେଇଥାଏ। ଭାରତର ମହାନ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାବେ ପାଳନ କରାଯାଉଥିବା ଏହି ଉତ୍ସବ ଗୁଡ଼ିକରେ ଲୋକମାନେ ପ୍ରକୃତିର ଉପାସନା କରିଥାନ୍ତି ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନବବର୍ଷ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ବାର୍ତ୍ତାରେ କହିଛନ୍ତି, ଦେଶର କୋଣ ଅନୁକୋଣରେ ପାଳନ କରାଯାଉଥିବା ଏହି ପାରମ୍ପରିକ ଉତ୍ସବଗୁଡ଼ିକ ଆନନ୍ଦ ଆଣିବା ସହ ଲୋକମାନଙ୍କ ମଧ୍ୟରେ ମନରେ ଶାନ୍ତି, ମୈତ୍ରୀ ଏବଂ ଏକତାର ଭାବ ସୃଷ୍ଟି କରିଥାଏ।

# ଚୈତ୍ର ନବରାତ୍ର ଶୁଭେଚ୍ଛା

ଆଜି ଚୈତ୍ର ପ୍ରତିପଦା ତିଥିରୁ ବାସନ୍ତୀକ ନବରାତ୍ର ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସମସ୍ତ ପରିବାରଜନଙ୍କ ଜୀବନରେ ଦେବୀ ମାତା ଶୈଳପୁତ୍ରୀ ନୂଆ ଶକ୍ତି ଓ ଉର୍ଜାର ସଞ୍ଚାର କରନ୍ତୁ। ଶକ୍ତି ଉପାସନାର ଏହି ମହାପର୍ବ ପ୍ରତ୍ୟେକଙ୍କ ପାଇଁ ସୁଖ, ସମୃଦ୍ଧି ଓ ସୌଭାଗ୍ୟ ଆଣୁ ବୋଲି ଶ୍ରୀ ମୋଦୀ କାମନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚୈତ୍ର ନବରାତ୍ରୀ ଅବସରରେ ସମସ୍ତ ଭକ୍ତ ଓ ଉପାସକଙ୍କୁ ଶୁଭକାମନା ଜଣାଇଛନ୍ତି। ଦେବୀ ମାତା ଭାରତର ସମୃଦ୍ଧି ଓ ପ୍ରଗତି ପାଇଁ ଆଶୀର୍ବାଦ ଦେବା ସହ ପ୍ରତ୍ୟେକ ନକରାତ୍ମକ ଶକ୍ତି ଉପରେ ବିଜୟ ପ୍ରାପ୍ତ ପାଇଁ ସମସ୍ତଙ୍କୁ ସାମର୍ଥ୍ୟ ଦିଅନ୍ତୁ ବୋଲି ସେ କାମନା କରିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପ୍ରସିଦ୍ଧ ଦେବୀ ପୀଠ ଗୁଡ଼ିକରେ ବାସନ୍ତୀକ ନବରାତ୍ର ପୂଜା ଆରମ୍ଭ ହେବା ସହ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି।

*PIB*

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଲୋକସଭା ନିର୍ବାଚନ ୨୦୨୪ର ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରୁ ୧ ହଜାର ୨୦୬ ଜଣ ପ୍ରାର୍ଥୀ ଏବଂ ବାହ୍ୟ ମଣିପୁର ସଂସଦୀୟ ନିର୍ବାଚନମଣ୍ଡଳୀର ୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। ଏହି ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ସଂସଦୀୟ କ୍ଷେତ୍ର ପାଇଁ ଦାଖଲ ହୋଇଥିବା ୨ ହଜାର ୬୩୩ଟି ନାମାଙ୍କନପତ୍ର ମଧ୍ୟରୁ ଯାଞ୍ଚ ପରେ ୧ ହଜାର ୪୨୮ଟି ପ୍ରାର୍ଥିପତ୍ର କାଏମ ରହିଛି।

ସୂଚନାଯୋଗ୍ୟ ଯେ, ବାହ୍ୟ ମଣିପୁର ସଂସଦୀୟ କ୍ଷେତ୍ରର ୧୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ ଏବଂ ଏହି ନିର୍ବାଚନମଣ୍ଡଳୀର ଅବଶିଷ୍ଟ ୧୩ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୬ ତାରଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ ବୋଲି ଗତ ଏପ୍ରିଲ ୫ ତାରିଖରେ ଜାରି ହୋଇଥିବା ଗେଜେଟ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

*Desk*

## ଲୋକସଭା ନିର୍ବାଚନ

ଚଳିତ ଲୋକସଭାର କାର୍ଯ୍ୟକାଳ ଆସନ୍ତା ଜୁନ୍ ୧୬ ତାରିଖରେ ଶେଷ ହେଉଛି। ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟା ଚାଲିଛି ଏବଂ ଚଳିତ ମାସ ୧୯ ତାରିଖରୁ ୭ଟି ପର୍ଯ୍ୟାୟରେ ଜୁନ୍ ମାସ ୧ ତାରିଖ ପର୍ଯ୍ୟନ୍ତ ଭୋଟ୍

ନିଆଯିବ। ଜୁନ୍ ୪ ତାରିଖରେ ଭୋଟ୍‌ଗଣତି ହେବାପରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ବିଜୟୀ ସାଂସଦଙ୍କର ତାଲିକା ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ। ଏହାର ଆଧାରରେ ରାଷ୍ଟ୍ରପତି ୧୮ତମ ଲୋକସଭା ଗଠନ ପାଇଁ ମଞ୍ଜୁରୀ ଦେବେ। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ୫୪୩ ଲୋକସଭା ଆସନରୁ ୧୩୧ଟି ଆସନ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଏଥିମଧ୍ୟରୁ ୮୪ଟି ଆସନ ଅନୁସୂଚିତ ଜାତି ଏବଂ ୪୭ଟି ଆସନ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ସବୁ ଆସନ ଗୁଡ଼ିକରେ ଅନ୍ୟ ପଛୁଆବର୍ଗ ଏବଂ ସାଧାରଣବର୍ଗର ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିପାରିବେ ନାହିଁ।

***Boudh***

## ଇଭିଏମ୍ ପରୀକ୍ଷଣ

୨୦୨୪ ସାଧାରଣ ନିର୍ବାଚନ ପାଇଁ ଦେଶ ତଥା ରାଜ୍ୟରେ ପ୍ରଶାସନିକ ପ୍ରକ୍ରିୟା ଜାରି ରହିଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମଚାରୀମାନଙ୍କୁ ତାଲିମ ଦିଆଯାଉଛି। ସେହିପରି ବିଭିନ୍ନ ମତଦାନ କେନ୍ଦ୍ରରେ ବ୍ୟବହାର ହେବାକୁ ଥିବା ଇଭିଏମ୍ ଓ ଭିଭିପାଟ୍ ମେସିନ୍‌ର ଉପଯୋଗିତା ଓ କାର୍ଯ୍ୟକାରିତା ପରୀକ୍ଷଣ କରାଯାଉଛି। ଏହି କ୍ରମରେ ଆଜି ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମଥର ପାଇଁ ଇଭିଏମ୍ ମେସିନ୍ କାର୍ଯ୍ୟକାରିତା ପ୍ରକ୍ରିୟା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କେ.ସୋନାଲଙ୍କ ଅଧ୍ୟକ୍ଷତାରେ କରାଯାଇଥିଲା। ଜିଲ୍ଲାପାଳଙ୍କ

କାର୍ଯ୍ୟାଳୟରେ ଥିବା ରାଷ୍ଟ୍ରୀୟ ସୂଚନା ବିଜ୍ଞାନକେନ୍ଦ୍ର ଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକ୍ରିୟା ଅନ୍ତର୍ଗତ ପ୍ରତିଟି ଇଭିଏମ୍ ଓ ଭିଭିପାଟ୍‌ର କ୍ରମିକ ନମ୍ବରକୁ ଏକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀ ସହ ଅନଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ସଂଯୋଗ କରାଯାଇଥିଲା।

***HS***

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜିଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଚୈତ୍ର ଶୁକ୍ଲ ଦ୍ୱିତୀୟା ତିଥି ବୁଧବାର ଦିନ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହରେ ପ୍ରବେଶ କରିବେ । ଏହାପରେ ବନକଲାଗି ଗୁପ୍ତ ନୀତି ସମାପନ ହେବ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ପୁଣି ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିପାରିବେ ।

## ହନୁମାନ ଜୟନ୍ତୀ ପାଳନ ବୈଠକ

ସମ୍ବଲପୁର ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହନୁମାନ ଜୟନ୍ତୀ ପାଳନ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନିଲ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏସ୍.ପି ମୁକେଶ ଭାମୁଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କ ମତ ଲୋଡାଯାଇଥିଲା । ଚଳିତ ବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

## ପୁରୀ ରଥ କାଠ- ଗଞ୍ଜାମ

ଗଞ୍ଜାମ ଜିଲ୍ଲା ଆସିକା ବନାଞ୍ଚଳ ଅନ୍ତର୍ଗତ ଷଡ଼ଙ୍ଗୀପଲ୍ଲୀ ଅଞ୍ଚଳର ରକ୍ତପଟା ଗ୍ରାମ ଜଙ୍ଗଲରେ ପୁରୀ ରଥ ନିର୍ମାଣ ପାଇଁ ୧୧ଟି ଫାଶୀ କାଠ ଚିହ୍ନଟ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର ରଥ କାଠ ତତ୍ତ୍ୱାବଧାରକ ସେବାୟତ ସୁଦର୍ଶନ ମେକାପଙ୍କ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ରକ୍ତପଟା ଗ୍ରାମରେ ପହଞ୍ଚି ରଥ କାଠକୁ ଚିହ୍ନଟ କରିଛନ୍ତି ।

## ପ୍ଲାଷ୍ଟିକମୁକ୍ତ ଅଭିଯାନ

ମାଲକାନଗିରି ମହାବିଦ୍ୟାଳୟ ସଭାକକ୍ଷରେ ଇକୋ କ୍ଲବ ସବୁଜ ବାହିନୀ ଆନୁକୂଲ୍ୟରେ ଆଜି ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆଜି ଅନୁଷ୍ଠିତ

ହୋଇଯାଇଛି । ସବୁଜ ବାହିନୀ ଅଧିକାରୀ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ, ବରିଷ୍ଠ ଅଧ୍ୟାପକ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜଙ୍ଗଲ ଓ ପରିବେଶ ବିଭାଗ, ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗ ପ୍ରଦାନ କରିଥିଲେ। ସବୁଜ ଜୀବନଯାପନ ପାଇଁ ଏକ ଶପଥ ପାଠ କରାଯାଇଥିଲା।

## ଏନ୍.ଟି.ଏ. ବିଜ୍ଞପ୍ତି

ଜାତୀୟସ୍ତରରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ଜାତୀୟ ଟେଷ୍ଟିଂ ଏଜେନ୍ସି ଏନ୍.ଟି.ଏ. ଆୟୋଜନ କରୁଥିବା ପରୀକ୍ଷାର୍ଥୀମାନଙ୍କ ନିମନ୍ତେ ଏକ ସୂଚନା ଜାରି କରାଯାଇଛି। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଖବର ଯାହାକି ଜଣେ ପରୀକ୍ଷାର୍ଥୀ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ଦେବା ପରେ ସେମାନଙ୍କର ଆଙ୍ଗୁଠିରେ କାଳି ଲାଗିଥିଲେ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରିବେ ନାହିଁ। ଏହା ଏକ ଗୁଜବ ବୋଲି ଏନ୍.ଟି.ଏ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି। ପରୀକ୍ଷାର୍ଥୀମାନେ ଏ ସମ୍ପର୍କିତ ସାମାଜିକ ଗଣମାଧ୍ୟମ ଖବରରୁ ନିବୃତ ରହିବା ପାଇଁ ଏନ୍.ଟି.ଏ ତରଫରୁ କୁହାଯାଇଛି। ସର୍ବଭାରତୀୟ ସ୍ତରରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ କରିଥିବା ପରୀକ୍ଷାର୍ଥୀମାନଙ୍କ ସକାଶେ ଏନ୍.ଟି.ଏ.

ତରଫରୁ ଏକ ଫୋନ୍ ନମ୍ବର ଜାରି କରାଯାଇଛି। ନମ୍ବରଟି ହେଲା- ୦୧୧-୪୦୭୫-୯୦୦୦। ଏହାଛଡ଼ା ପରୀକ୍ଷାର୍ଥୀମାନେ ଚାହିଁଲେ **neet@nta.ac.in** କୁ ଇମେଲ୍ କରିପରିପାରିବେ।

***HS***

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି । ହେଲେ ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ପବନ ବହିବାର ସମ୍ଭାବନା ଥିବାରୁ ଆସନ୍ତା ଶନିବାର ଠାରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷକରି ରାଜ୍ୟର ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୦ ଡ଼ିଗ୍ରୀ ପାର କରିବ। ଅନ୍ୟପକ୍ଷରେ କାଳବୈଶାଖୀ ଯୋଗୁଁ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ଗତକାଲି କମ୍ ଥିଲା।

ରାଜ୍ୟର ବିଭିନ୍ନ ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ନୂଆପଡ଼ା ଜିଲ୍ଲାର ନୱାପରାରେ ସର୍ବାଧିକ ୪୪ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି।

ସେହିପରି ବୌଦ୍ଧ ଜିଲ୍ଲାର କଣ୍ଟାମାଳରେ ୩୪ ଦଶମିକ ୨ ମିଲିମିଟର, ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲରେ ୨୬ ମିଲିମିଟର, ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲିରେ ୨୪ ମିଲିମିଟର ବର୍ଷା ହୋଇଥିଲା।

*****